# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18th May - 2025

### News Editor : Tapan Kumar Moharana

*****************************

## ମୁଖ୍ୟ ସମ୍ବାଦ

- ବୌଦ୍ଧ ଜିଲ୍ଲାରେ ଚାଲିଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ
- ଚଳିତବର୍ଷ ୨୨ ପ୍ରତିଶତ ଅଧିକ ଚାଷୀ ରବି ଧାନ ବିକ୍ରୟ ପାଇଁ କରିଛନ୍ତି ପଞ୍ଜୀକରଣ
- "ଦ୍ରୁତ ପରିବର୍ତ୍ତନଶୀଳ ସଂପ୍ରଦାୟରେ ସଂଗ୍ରହାଳୟର ଭବିଷ୍ୟତ"ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ

ଏବଂ

- ରାଜ୍ୟର କେତେକ ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହିତ ପ୍ରବଳ ବର୍ଷା ସମ୍ଭାବନା ନେଇ ପାଣିପାଗ କେନ୍ଦ୍ରର ସୂଚନା

## ମୁଖ୍ୟମନ୍ତ୍ରୀ-ସମୀକ୍ଷା ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବୌଦ୍ଧ ଜିଲା ଗସ୍ତ କରି ଜିଲ୍ଲାରେ ଚାଲିଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରୁଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଲିଥିବା ସମୀକ୍ଷା ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ସମୀକ୍ଷା ଚାଲିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଆଜି ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ଅପରେସନ୍ ସିନ୍ଦୂରର ସଫଳତା ନେଇ ଏକା ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହେବେ।

## ରବି ଧାନ ସଂଗ୍ରହ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚଳିତ ମାସ ପହିଲାରୁ ଆରମ୍ଭ ହୋଇଛି। ଖାଦ୍ୟ ଯୋଗାଣ ବିଭାଗର ସୂଚନା ଅନୁସାରେ, ୨୦ଟି ଜିଲ୍ଲାରେ ଧାନ ସଂଗ୍ରହ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୮୦ ପ୍ରତିଶତ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ଚଳିତ ରବିଋତୁରେ ୧୪ ଲକ୍ଷ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ୨୨ ପ୍ରତିଶତ ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି।  ହେଲେ, ଚଳିତବର୍ଷ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବାରୁ ଧାନ ସଂଗ୍ରହ ଅଧିକ ହେବା ନେଇ ଜିଲ୍ଲାପାଳମାନଙ୍କୁ ସୂଚନା ଦିଆଯାଇଛି। ଚଳିତବର୍ଷ ଭଦ୍ରକ, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାକୁ ରବି ଧାନ ବିକ୍ରି ପାଇଁ ସାମିଲ କରାଯାଇଛି।

## ଶୀତଳ ଭଣ୍ଡାର ସ୍ଥାପନ-ପଞ୍ଜିକରଣ

ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଏପର୍ଯ୍ୟନ୍ତ ଗୋ-ସୁଗମ ପୋର୍ଟାଲରେ ୨୫ଟି ଜିଲ୍ଲାର ୮୨ଜଣ ଉଦ୍ୟୋଗୀ ପଞ୍ଜିକରଣ କରିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ନୂତନ ଶୀତଳ ଭଣ୍ଡାର ନୀତି ସମ୍ପର୍କରେ ଆଲୋଚନା ହୋଇଛି । ଓଡ଼ିଶା ଶୀତଳ ଭଣ୍ଡାର ସଂଘର ସଦସ୍ୟ ଏବଂ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଇଚ୍ଛୁକ ଉଦ୍ୟୋଗୀଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡିଛି ।

## ଶ୍ରୀମନ୍ଦିର ମାମଲା ଶୁଣାଣି

ଓଡ଼ିଶା ହାଇକୋର୍ଟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଶ୍ରୀମନ୍ଦିର ପ୍ରଶାସନ ସପକ୍ଷରେ ରାୟ ଦେଇଛନ୍ତି। ଶ୍ରୀମନ୍ଦିରର ସମସ୍ତ ସମ୍ପତ୍ତିଗୁଡ଼ିକର କମ୍ପ୍ୟୁଟରୀକରଣ କରାଯିବା ସହ ରାଜ୍ୟ ସରକାରଙ୍କ ସମାନ ନୀତି ବା ୟୁନିଫର୍ମ ପଲିସୀ ଓ ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ଅନୁଯାୟୀ ସମସ୍ତ ଜମିର ସୁରକ୍ଷା କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ ପାଳନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବଦ୍ଧ ପରିକର ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି।

## ପରାକ୍ରମ ଶୋଭାଯାତ୍ରା

ଅପରେସନ୍ ସିନ୍ଦୂରର ସଫଳତା ନେଇ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରାଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାରେ

ଛାତ୍ରଛାତ୍ରୀ, ସେନା କର୍ମଚାରୀ ଏବଂ ଜନସାଧାରଣ ଯୋଗଦେଇ ଭାରତ ମାତାର ଜୟଗାନ କରିବା ସହ ମା' ଧାମରାଇ ମନ୍ଦିରରୁ ୩୦୦ ଫୁଟ ଲମ୍ବର ତ୍ରିରଙ୍ଗା ପତାକା ଧରି ନଗର ପରିକ୍ରମା କରିଥିଲେ।

## ମୁଖ୍ୟ ଶାସନ ସଚିବ-ବୈଠକ

ରାଜ୍ୟରେ ନୂଆ ସରକାର ଗଠନକୁ ଆସନ୍ତାମାସରେ ଏକବର୍ଷ ପୂରଣ ହେଉଥିବାରୁ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯିବ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜୁନ୍ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟ, ଜିଲ୍ଲା ଏବଂ ବ୍ଲକସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି । ଜନସଚେତନତା ସୃଷ୍ଟି ଲାଗି ତିନିଦିନ ଧରି ରାଜ୍ୟସ୍ତରରେ ସାଧାରଣ ସଭା ଓ ବିକାଶ ମେଳା ଏବଂ ଜିଲ୍ଲାସ୍ତରରେ ସଭା ଓ କାର୍ଯ୍ୟକ୍ରମ ଏବଂ ଓର୍‌ମାସ ସହଯୋଗରେ ୫ଦିନିଆ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଭୁବନେଶ୍ୱର ଜନତା ମଇଦାନଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରୁ ଜଣାପଡିଛି ।

## ବୈଠକ

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ସମ୍ପତ୍ତି ପରିଚାଳନା ନିମନ୍ତେ ଗଠିତ କ୍ଷମତାପନ୍ନ କମିଟିର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଖାରବେଳ ଭବନରେ ବିଭାଗୀୟ ପ୍ରମୁଖ ସଚିବ ଉଷା

ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱରରେ ସୃଷ୍ଟି ହୋଇଥିବା ବ୍ୟାପକ ସମ୍ପତ୍ତିର ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ଉତ୍ତମ ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା । ବିଶେଷଭାବେ ବହୁସ୍ତରୀୟ ଗାଡ଼ି ରଖିବା ସ୍ଥାନ, ରାସ୍ତା ପରିଦୃଶ୍ୟ, ଟିକସ ବଣ୍ଟନ ନୀତି ଭଳି ବିଷୟ ଉପରେ ଯୋଜନା ଓ ସହଯୋଗ ଆବଶ୍ୟକତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

## ଏ.ଏସ୍.ଆଇ. – ମ୍ୟୁଜିୟମ୍ ଡେ

ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ଏହି କ୍ଷେତ୍ରରେ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ଆଜି ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ଆଜି ପାଳନ କରାଯାଉଛି। ଚଳିତ ବର୍ଷର ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସର ବାର୍ତ୍ତା ହେଉଛି “ଦ୍ରୁତ ପରିବର୍ତ୍ତନଶୀଳ ସଂପ୍ରଦାୟରେ ସଂଗ୍ରହାଳୟର ଭବିଷ୍ୟତ”। ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଶୀଳନ କରିବା ଏବଂ ଏହି ଦିଗରେ ଜନ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ପ୍ରତିବର୍ଷ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳନ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ ଦେଶର ସମସ୍ତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସ୍ମାରକୀ ଏବଂ ସଂଗ୍ରହାଳୟରେ ଆଜି ଦିନକ ପାଇଁ ନିଃଶୁଳ୍କ ପ୍ରବେଶ ନେଇ ଏ.ଏସ୍.ଆଇ. ଘୋଷଣା କରିଛି । ସଂସ୍କୃତି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏ.ଏସ୍.ଆଇ.ର ୫୨ଟି ସ୍ମାରକୀ ଏବଂ ସଂଗ୍ରହାଳୟରେ ଜନସାଧାରଣ ଆଜି ନିଃଶୁଳ୍କ ପ୍ରବେଶ କରିପାରିବେ ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏହି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ସଂଗ୍ରହାଳୟ ଆମ ଅତୀତରୁ ବର୍ତ୍ତମାନ ଓ ଭବିଷ୍ୟତକୁ ଯୋଡୁଥିବା ଏକ ସେତୁ। ଓଡ଼ିଶାର ସମୃଦ୍ଧି ଐତିହ୍ୟକୁ ପାଳନ କରିବା ଏବଂ ପୁରାତନ କାହାଣୀଗୁଡ଼ିକୁ ସଂରକ୍ଷଣ ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃ ସ୍ଥାପନ କରିବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

## ଦ୍ୱି-ବାର୍ଷିକ ଯାତ୍ରା

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରର ଲାଞ୍ଜିପଲ୍ଲୀସ୍ଥିତ ମା' ତାରାଦେବୀଙ୍କ ଦ୍ୱି-ବାର୍ଷିକ ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ମା'ଙ୍କ ଯାତ୍ରାକୁ ନେଇ ଅକ୍ଷୟ ତୃତୀୟା ଦିନ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ଆଜି ମଧ୍ୟରାତ୍ରୀରେ ବ୍ରାହ୍ମଣ ସାହିସ୍ଥିତ ଦେଶୀ ବେହେରାଙ୍କ ଘରୁ ମା' ଏକ ବିରାଟ ପଟୁଆରରେ ବାହାରି ନିଜସ୍ୱ ମନ୍ଦିର ଅଭିମୁଖେ ଯାତ୍ରା କରିବେ। ମା'ଙ୍କ ଆଜ୍ଞାମାଳ ମିଳିବା ପରେ ଯାତ୍ରା ପାଇଁ ବ୍ରାହ୍ମଣସାହିଠାରେ ଅସ୍ଥାୟୀ ମନ୍ଦିର ସ୍ଥାପନ କରାଯାଇଛି। ପ୍ରତ୍ୟେକ ଦିନ ଏହି ଅସ୍ଥାୟୀ ମନ୍ଦିରରେ ମା'ଙ୍କ ପୂଜାର୍ଚ୍ଚନା ସହ ଘଟ ପରିକ୍ରମା କରାଯିବ। ଏହି ଯାତ୍ରା ଆସନ୍ତା ମାସ ୭ ତାରିଖରେ ଉଦ୍‌ଯାପିତ ହେବ।

## ସାଇକେଲ ରାଲି

ଦେଶରେ ଦ୍ରବ୍ୟ ଓ ସେବା କର-ଜିଏସ୍‌ଟି ଲାଗୁ କରାଯିବାର ଅଷ୍ଟମ ବର୍ଷ ପୂର୍ତ୍ତି ଅବସରରେ ଆଜି ଭୁବନେଶ୍ୱରରେ ଏକ ସାଇକେଲ ରାଲିର ଆୟୋଜନ କରାଯାଇଛି। ଭୁବନେଶ୍ୱର ସିଜିଏସ୍‌ଟି ଏବଂ କେନ୍ଦ୍ରୀୟ ଅବକାରୀ କମିଶନରେଟ୍ ପକ୍ଷରୁ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ସହଯୋଗରେ ଏହି ରାଲିର

ଆୟୋଜନ କରାଯାଇଥିଲା । ସୂଚନାଯୋଗ୍ୟ, ଦେଶରେ ଆସନ୍ତା ଜୁଲାଇ ୧ ତାରିଖକୁ ଦ୍ରବ୍ୟ ଏବଂ ସେବା କର ଦିବସ ଭାବେ ପାଳନ କରାଯାଉଛି ।

## ଆର୍ଟ ଅଫ୍ ଗିଭିଂ

**ନୂଆପଡା** ଜିଲ୍ଲା ସଦର ମହକୁମାଠାରେ ଆର୍ଟ ଅଫ୍ ଗିଭିଂର ଦ୍ୱାଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ଜୀବନକୁ ସରଳ, ସୁସ୍ଥ ଏବଂ ସୁନ୍ଦର ଭାବରେ ବଞ୍ଚିବା ପାଇଁ ଏହା ଏକ ମାଧ୍ୟମ ବୋଲି କହିଛନ୍ତି ।

## ବଜ୍ରପାତ ମୃତ୍ୟୁ

**କୋରାପୁଟ** ଜିଲ୍ଲା ନାରାୟଣପାଟଣା ବ୍ଲକ୍ ଅନ୍ତର୍ଗତ ଉପର ଗୁମାଣ୍ଡି ଗାଁରେ ଗତକାଲି ସନ୍ଧ୍ୟାରେ ପ୍ରବଳ ବର୍ଷା ସହ ବଜ୍ରପାତ ଯୋଗୁଁ ୨୨ଟି ଛେଳି ଓ ମେଣ୍ଢାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ବର୍ଷା ସମୟରେ ଛେଳି ମେଣ୍ଢା ସବୁ ଏକ ଗଛମୂଳକୁ ଚାଲିଯାଇଥିବାବେଳେ ଗଛ ଉପରେ ବଜ୍ରପାତ ଯୋଗୁଁ ସେମାନଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।

## ଖେଳ ଖବର

ଆର୍ଜେଣ୍ଟିନାରେ ଆସନ୍ତା ୨୫ ତାରିଖରୁ ଜୁନ୍ ମାସ ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଚତୁଃର୍ରାଷ୍ଟ୍ରୀୟ କନିଷ୍ଠ ବାଳିକା ହକି ପ୍ରତିଯୋଗିତାରେ ଭାରତୀୟ ଦଳରେ ଓଡ଼ିଶାରୁ ୪ ଜଣ ଖେଳାଳୀ ମନୋନିତ ହୋଇଛନ୍ତି । ଭାରତୀୟ ଦଳରେ ଗୋଲରକ୍ଷକ ନିଧି ନେତୃତ୍ୱ ନେବାକୁ ଥିବାବେଳେ ଫରୱାର୍ଡ ଖେଳାଳୀ ହୀନା ବାନୁଙ୍କୁ ଉପ ଅଧିନାୟିକା ଭାବେ ମନୋନୀତ କରାଯାଇଛି । ଓଡ଼ିଶାରୁ ମନୋନୀତ ହୋଇଥିବା ୪ ଜଣ ଖେଳାଳୀ ହେଲେ

ଗୋଲ ରକ୍ଷକ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ମମିତା ଓରାମ୍ ଓ ପୂଜା ସାହୁ ଏବଂ ମିଡ୍ ଫିଲ୍ଡର ସୁପ୍ରିୟା ଖୁଜୁର୍। କନିଷ୍ଠ ବାଳିକା ବିଶ୍ୱକପ୍ ଲାଗି ଏହି ପ୍ରତିଯୋଗିତାରୁ ଭାରତୀୟ ଦଳ ପାଇଁ ଖେଳାଳୀ ଚୟନ କରାଯିବ ବୋଲି ଜଣାପଡିଛି।

## ପାଣିପାଗ

ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ପ୍ରଭାବ ଲାଗିରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୫ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆଜି
ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଓ ମୟୂରଭଂଜ
ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଝଡ ତୋଫାନ, ବଜ୍ରପାତ ସହିତ ପବନର ବେଗ ୫୦ରୁ ୬୦ କିଲୋମିଟର ହେବାର ସମ୍ଭାବନା ରହିଛି।

**********************************